## ଜଳିଗଲା ଧାନଗଦା

ମୁନିଗୁଡା,(ନନ୍ଦ କିଶୋର ପଟ୍ଟନାୟକ): ମୁନିଗୁଡା ଇଣ୍ଡିଆନ ଗ୍ୟାସ୍ ପଛପଟ ଏକ ଖଳାରେ ଥିବା ଧାନ ଗଦାରେ ନିଆଁ ଲାଗି ଚାରି ଏକର ଜମିରୁ ଉତ୍ପାଦନ ଧାନ ପୋଡି ପାଉଁଶ ହୋଇଯାଇଛି । ଚାଷୀ ଅଶୋକ ବେହେରା ୪ଟି ଗଦାରେ ଧାନ ରଖିଥିବାବେଳେ କୌଣସି କାରଣରୁ ସେଥିରେ ନିଆଁ ଲାଗିଯାଇଥିଲା । ଦମକଳବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ ମଧ ସେତେବେଳକୁ ଲକ୍ଷାଧିକ ଟଙ୍କାର ଧାନ ପୋଡି ପାଉଁଶ ହୋଇଯାଇଛି। ତେବେ ବର୍ଷକର କଷ୍ଟ ନିଆଁରେ ପୋଡି ଯାଇଥିବାରୁ ଦୁଃଖରେ ଭାଙ୍ଗି ପଡିଛନ୍ତି ଅଶୋକ।

# ସମସ୍ତ ବ୍ଲକ୍‌ରେ ବୁଲିବ ପ୍ରଚାର ରଥ, ଲାଗିବ ହୋର୍ଡିଂ

## ଚଇତି ପ୍ରଚାରପ୍ରସାର ପାଇଁ ବିଭିନ୍ନ ସବ୍ କମିଟି ବୈଠକ

ରାୟଗଡ଼ା,୨୭।୧୧(ଆଶିଷ ରଞ୍ଜନ ପଣ୍ଡା)



ଚଇତି ପ୍ରଚାରପ୍ରସାର ବୈଠକରେ ରାୟଗଡା ଉପଜିଲାପାଳଙ୍କ ସହ ଅନ୍ୟ ଅଧିକାରୀ।



କ୍ରୀଡ଼ା କମିଟି ବୈଠକରେ ଉପସ୍ଥିତ ସଦସ୍ୟ।

ରାୟଗଡ଼ା ଲୋକ ମହୋତ୍ସବ ଚଇତି ଡିସେମ୍ବର ୨୬ରୁ ୩୧ ତାରିଖ ଯାଏଁ ଆୟୋଜନ ହେବାକୁ ଥିବାବେଳେ ଏହାର ପ୍ରଚାର ପ୍ରସାର ପାଇଁ ବିଭିନ୍ନ ସବ୍ କମିଟି ବୈଠକ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଚଇତି ପ୍ରଚାରପ୍ରସାର କମିଟିର ଅଧ୍ୟକ୍ଷ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ କାର୍ଯ୍ୟନିର୍ବାହୀ ନିହାର ରଞ୍ଜନ କହଁର ବୈଠକରେ ଅଧ୍ୟକ୍ଷତା କରିଥିଲେ। କମିଟିର ସହ ଅଧ୍ୟକ୍ଷା ତଥା ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ଜିଲା ପରିଷଦର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ବିଜୟ କୁମାର ନାୟକ, ଜିଲା ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଓର୍ମାସ ଡେପୁଟି ସିଇଓ ମନୋଜ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ଜିଲାସ୍ତରୀୟ ଚଇତି ପ୍ରଚାରପ୍ରସାର ସହ ପଡ଼ୋଶୀ ଜିଲା କୋରାପୁଟ, କଳାହାଣ୍ଡି, ଗଜପତି ଜିଲାରେ କିଭଳି ପ୍ରଚାର କରାଯାଇପାରିବ ସେ ନେଇ ଆଲୋଚନା ହୋଇଥିଲା। କମିଟିରେ ନୂତନ ସଦସ୍ୟ ଭାବେ ଯୋଗଦେଇଥିବା ଖବରଦାତା ଗୋପରଞ୍ଜନ ବକ୍ସିପାତ୍ର, ସଂଗ୍ରାମ ପଟ୍ଟନାୟକ, ଆଶିଷ ରଞ୍ଜନ ପଣ୍ଡା, ରାମଦାସ ଲିମା, ନୀତିନ୍ ଚୌଧୁରୀ, ବିଦ୍ୟାସାଗର, କେ.ସୁମନ ରାଜୁ ପ୍ରମୁଖ ଚଇତିର କିଭଳି ବହୁଳ ଭାବରେ ପ୍ରଚାରପ୍ରସାର କରାଯାଇପାରିବ ସେ ନେଇ ମତାମତ ଦେଇଥିଲେ। ସଭ୍ୟମାନେ ଦେଇଥିବା ମତାମତକୁ ନେଇ ଡିସେମ୍ବର ପ୍ରଥମ ସପ୍ତାହରେ ଜିଲାପାଳ ପାରୁଲ ପଟୱାରିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇ ଚଇତି ପ୍ରଚାର ପ୍ରସାରର ଚୂଡ଼ାନ୍ତ ରୂପାୟନ ସ୍ଥିର କରାଯିବ ବୋଲି ନିହାର କହଁର ସୂଚନା ଦେଇଛନ୍ତି। ସେହିଭଳି କଲେଜସ୍ତରରେ ଚଇତି ଅବସରରେ ବିଭିନ୍ନ ପ୍ରତିଯୋଗିତା ଓ କାର୍ଯ୍ୟକ୍ରମ ନେଇ ଆଲୋଚନା ହୋଇଥିଲା । ଚଳିତ ବର୍ଷ କଲେଜ ଚଇତିରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି ।

ସେହିଭଳି ଆର୍ଥିକ ସବ୍ କମିଟି ବୈଠକରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ କହଁର ପୂର୍ବ ବର୍ଷର ଆର୍ଥିକ ଆଦାୟ ଓ ଖର୍ଚ୍ଚ ବିଷୟରେ ଉପସ୍ଥାପନା କରିବା ସହ ସଦସ୍ୟଙ୍କ ମତାମତ ଲୋଡ଼ିଥିଲେ । ଚଳିତ ବର୍ଷ ଚଇତାଳି ଉନ୍ମୋଚନ ପାଇଁ ପ୍ରକାଶନ କମିଟି ଅଧ୍ୟକ୍ଷ ତଥା ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଚଇତାଳି ପ୍ରସ୍ତୁତି ପାଇଁ ୫ଜଣିଆ କମିଟି ଗଠନ କରାଯାଇଛି । ଚଇତି କାର୍ଯ୍ୟକ୍ରମର ପ୍ରଥମ ଦିନ ଉଦ୍‌ଘାଟନୀ ଅବସରରେ ଚଇତାଳିର ଉନ୍ମୋଚନ କରାଯିବା ସହ ଅତିଥିଙ୍କୁ ଏହା ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା । ପତ୍ରିକା ନିମନ୍ତେ ଆସନ୍ତା ଡିସେମ୍ବର ୧୦ ସୁଦ୍ଧା ଲେଖା ଦେଇପାରିବେ । ପତ୍ରିକାରେ କୌଣସି ଆପତ୍ତିଜନକ ଲେଖା ପ୍ରକାଶ କରାଯିବ ନାହିଁ । ସମ୍ପାଦନା ମଣ୍ଡଳୀରେ ଡ. ବାଦଲ କୁମାର ତା, ସାହିତ୍ୟିକ ସୁଶାନ୍ତ ନାୟକ, ଶିକ୍ଷକ ଶ୍ରୀଧର ପୃଷ୍ଟିଙ୍କ ନେଇ ସ୍ଥିର କରାଯାଇଛି। ଚଳିତ ବର୍ଷ ଚଇତି କ୍ରୀଡ଼ାରେ ମାରାଥନ, ୱାକାଥନ, ଟ୍ରାଇ ସାଇକେଲ ରେସ୍, କବାଡି, ଭଲିବଲ, ବଡି ବିଲ୍ଡିଂ, ପାୱାର ଲିଫ୍ଟିଂ, ବ୍ୟାଡ୍‌ମିଣ୍ଟନ,ସ୍ଲୋ ସାଇକେଲ ରେସ୍ ଓ ବାସ୍କେଟ ବଲ୍ ପ୍ରତିଯୋଗିତା କରାଯିବ । ଚଇତି କ୍ରୀଡ଼ା ଆସନ୍ତା ୧୦ରୁ ୧୫ ପର୍ଯ୍ୟନ୍ତ ଚାଲିବ। କମିଟିର ଅଧ୍ୟକ୍ଷା ସଂଘମିତ୍ରାଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ରାୟଗଡ଼ା ତହସିଲଦାର ପ୍ରିୟଦର୍ଶିନୀ, ଜିଲା କ୍ରୀଡ଼ା ଅଧିକାରୀ ଶେଖ୍ ଅକ୍ଷଲେନୁର, ଜିଲା ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ ପ୍ରଧାନ, ଶିକ୍ଷାବିତ୍ ଡ଼. ଦୁଷ୍ମନ୍ତ କୁମାର ନାୟକ, ଆଇନଜୀବୀ ବ୍ରଜକିଶୋର ନାୟକ, ଜଳନ୍ଧର ପୁଷିକା, ନାରାୟଣ ପଣ୍ଡା, ଅମରେନ୍ଦ୍ର ନାଥ, ଜଗଦୀଶ ଦୋରା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ, ଭଜନଲାଲ ମାଝୀ, ସଦାଶିବ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ।

# ଟ୍ରାକ୍ଟର ଧକ୍କାରେ ଯୁବକଙ୍କ ମୃତ୍ୟୁ

ମୁନିଗୁଡା,୨୭।୧୧(ନନ୍ଦ କିଶୋର ପଟ୍ଟନାୟକ)

## କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ମୁନିଗୁଡା ଥାନା ଅନ୍ତର୍ଗତ କରଡାବନ୍ଧ ଘାଟି ତଳେ ଟ୍ରାକ୍ଟର ଚାପାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ତଳ ଛେଳିଆନାଳ ଗ୍ରାମର ବଳଭଦ୍ର ନୁଣ୍ଡ୍ରୁକା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ମୁନିଗୁଡା–ଭବାନୀପାଟଣା ମୁଖ୍ୟ ରାସ୍ତା ଅବରୋଧ କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଏସ୍‌ଡିପିଓ ସନ୍ତୋଷିନି ଓରାମଙ୍କ ସହ ପୋଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ମତ୍ୟୁକାଳୀନ ସହାୟତା ଦେବା ପରେ ରାସ୍ତା ଅବରୋଧ ହଟିଥିଲା ।

ବଳରାମ କୌଣସି କାମରେ ମୁନିଗୁଡା ଅଭିମୁଖେ ଆସିବା ପାଇଁ ଗାଡିକୁ ଅପେକ୍ଷା କରିଥିଲେ। ସେହି ସମୟରେ ଏକ ବାଇକ୍ ଆରୋହୀଙ୍କୁ ଲିଫ୍ଟ ମାଗି ଗାଡିରେ ବସିବା ସମୟରେ ମୁନିଗୁଡା ଅଭିମୁଖେ ଆସୁଥିବା ଥିବା ଏକ ନିଳଗିରି ବୋଝେଇ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା । ଫଳରେ ବାଇକ୍‌ରେ ବସିଥିବା ୨ଜଣ ଛିଟିକି ପଡିଥିବାବେଳେ ଟ୍ରାକ୍ଟରଟି ବଳରାମଙ୍କ ଉପରେ ମାଡି ଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ମୁନିଗୁଡା ଆଇଆଇସି ସୌଦାମିନୀ ବେହେରା,ବିଷମକଟକ ଥାନା ଅଧିକାରୀ ସୂର୍ଯ୍ୟ ନାରାୟଣ ପାଢୀ, ଏସ୍‌ଆଇ ବିକାଶ ଦେବନାଥ ପ୍ରମୁଖ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛନ୍ତି। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ ଓ ଟ୍ରାକ୍ଟରକୁ ଜବତ କରି ଘଟଣାର ତଦନ୍ତ କରୁଛି।



# ଯୁବ ରେଡକ୍ରସ୍, ଜିଲାସ୍ତରୀୟ ଅଧ୍ୟୟନ ତାଲିମ ଉଦ୍‌ଯାପିତ

ରାୟଗଡ଼ା, ୨୭।୧୧ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ୩ ଦିନ ଧରି ଆୟୋଜିତ ହେଉଥିବା ଯୁବ ରେଡ୍‌କ୍ରସ୍ ଜିଲାସ୍ତରୀୟ ଅଧ୍ୟୟନ ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ ଯୋଗଦେଇ ପିଲାମାନଙ୍କୁ ରେଡ୍‌କ୍ରସ୍‌ର ଉଦ୍ଦେଶ୍ୟ ବିଷୟରେ କହିଥିଲେ । କଲେଜ ଅଧ୍ୟକ୍ଷା ଡ. ବବିଲତା ସରାଫ ସ୍ୱାଗତ ଭାଷଣ ଦେଇଥିଲେ। ଭିନ୍ନ ଭିନ୍ନ ମହାବିଦ୍ୟାଳୟ ଆସିଥିବା ସ୍ୱେଚ୍ଛାସେବୀମାନେ ସେମାନଙ୍କ ଅନୁଭୂତିକୁ ବ୍ୟାଖ୍ୟାକରିଥିଲେ । ଶିବିରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ପାଇଁ ଯୁବ ରେଡ୍‌କ୍ରସ୍‌ର ପ୍ରତିଯୋଗୀଙ୍କୁ ଉପଜିଲାପାଳ ପୁରସ୍କାର କରିବା ସହ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏଥିସହ ଜଳବାୟୁ ପରିବର୍ତ୍ତନ ଓ ନାରୀ ସଶକ୍ତୀକରଣ ବିଷୟରେ ଆଲୋଚନା କରାଯାଇଥିଲା । ଏହି ଅବସରରେ କଲେଜ ପରିସରରୁ ଯୁବ ରେଡ୍‌କ୍ରସ୍‌ର ସ୍ୱେଚ୍ଛାସେବୀମାନେ ଶୋଭାଯାତ୍ରାରେ ବାହାରି ଗାୟତ୍ରୀନଗରସ୍ଥିତ ପ୍ରେମ ପାହାଡ଼ ପର୍ଯ୍ୟନ୍ତ ଯାଇ ସେଠାରେ ସଫେଇ କରିଥିଲେ।

# ରାଜ୍ୟସ୍ତରୀୟ ସର୍‌ଗିଫୁଲ ପାଇଁ ଜିଲାର ୪୯ ଛାତ୍ରୀଛାତ୍ର ଚୟନ

ରାୟଗଡା, ୨୭।୧୧ (ଭାଗ୍ୟଶ୍ରୀ ମିଶ୍ର)

ଜିଲାସ୍ତରୀୟ ଶିଶୁ ମହୋତ୍ସବ ସର୍‌ଗିଫୁଲ–୨୦୨୪ ସ୍ଥାନୀୟ ଏକଲବ୍ୟ ମଡେଲ ରେସିଡେଣ୍ଟାଲ ସ୍କୁଲଠାରେ ବୁଧବାର ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ପାରୁଲ ପଟୱାରୀ ଯୋଗଦେଇ କୃତି ଛାତ୍ରୀଛାତ୍ରଙ୍କ ପ୍ରତିଭାର ପ୍ରଶଂସା କରିଥିଲେ । ସମ୍ମାନୀତ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ଡ଼. ବସନ୍ତ କୁମାର ନାୟକ ଏବଂ ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ ଯୋଗଦେଇଥିଲେ । ଜିଲା ମଙ୍ଗଳ ଅଧିକାରୀ ଭରତ ଭୂଷଣ ବିଶ୍ୱାଳ କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ । ପ୍ରଧାନଶିକ୍ଷକ ଗୋପୀନାଥ ପରିଛା ମଞ୍ଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ୧୧ଟି ବ୍ଲକରୁ ମୋଟ ୬୦୦ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଏକକ ସଂଗୀତ, ଏକକ



କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅତିଥି।

ନୃତ୍ୟ, ସୃଜନଶୀଳ ଲିଖନ, ଏକକ ଅଭିନୟ, ଯନ୍ତ୍ର ସଙ୍ଗୀତ, କୁଇଜ, ଚିତ୍ରାଙ୍କନ,ସ୍ଲୋଗାନ ଲିଖନ, ତର୍କ, ବାକ୍ ଚାତୁରୀ, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହାବ୍ୟତୀତ ବିଜ୍ଞାନ ମେଳା, ପ୍ରଦର୍ଶନୀ ଓ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମସ୍ତ ବିଭଗରେ ମୋଟ ୪୯ ଛାତ୍ରୀଛାତ୍ର ରାଜ୍ୟସ୍ତରୀୟ ସର୍‌ଗିଫୁଲ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ପାଇଁ ଚୟନ ହୋଇଛନ୍ତି । ଅତିଥି ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ସେମାନେ ଆସନ୍ତା ଡିସେମ୍ବର ୧୮ରୁ ୨୦ରେ ରାଜ୍ୟସ୍ତରୀୟ ସର୍‌ଗିଫୁଲ କାର୍ଯ୍ୟକ୍ରମରେ ଭାଗ ନେବେ ବୋଲି ଜଣାପଡିଛି ।

# ଇମ୍ପାର ୬୩ତମ ବାର୍ଷିକୋତ୍ସବରେ ବିଭିନ୍ନ କାର୍ଯ୍ୟକ୍ରମ

ରାୟଗଡା,୨୭।୧୧(ଆଶିଷ ରଞ୍ଜନ ପଣ୍ଡା)

ଇମ୍ପାର ପ୍ରତିଷ୍ଠାତା ସ୍ୱର୍ଗତ ବଂଶୀଧର ପଣ୍ଡାଙ୍କ ଜନ୍ମଦିନରେ ରାୟଗଡ଼ା ଜିଲା କୋଲନରା ବ୍ଲକ୍ ଅନ୍ତର୍ଗତ ଥେରୁବାଲିଠାରେ ଇମ୍ପାର ୬୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଲକ୍ଷ୍ମୀ ନାରାୟଣ ମନ୍ଦିର ପ୍ରାଙ୍ଗଣରେ ଥେରୁବାଲି ଅଞ୍ଚଳର ୩୦୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯିବା ସହ ୩ ଜଣ ଭିନ୍ନକ୍ଷମଙ୍କୁ ବ୍ୟାଟେରଚାଳିତ ୩ଚକିଆ ମୋଟରସାଇକେଲ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଇମ୍ପା ଶିଳ୍ପ ଗୋଷ୍ଠୀର ବରିଷ୍ଠ ଉପସଭାପତି ତଥା ବ୍ୟବସାୟିକ ମୁଖ୍ୟ ସୁରେଶ ବାବୁ, ସମ୍ମାନିତ ଅତିଥି ଭାବେ ଉପସଭାପତି ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଆଶିଷ କୁମାର ରାୟ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଉପମୁଖ୍ୟ ପରିଚାଳକ (ମାନବ ସମ୍ବଳ ଓ ପ୍ରଶାସନ) ସମୀର ରାଉତ ସଂଯୋଜନା କରିଥିଲେ। ଲୋକ ସମ୍ପର୍କ ବିଭାଗ, କାର୍ମିକ ଓ ସାଧାରଣ ପ୍ରଶାସନିକ ବିଭାଗ, ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ଦୀର୍ଘକାଳୀନ ସେବା ପ୍ରଦାନ କରିଥିବା ଶ୍ରମିକ ଓ କର୍ମଚାରୀଙ୍କୁ ଉପହାର ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଏଥିସହ ଅଞ୍ଚଳର ବିଦ୍ୟାଳୟରେ ମାଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଶିକ୍ଷାବୃତ୍ତି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅନ୍ତଃ ବିଭାଗୀୟ କୁଞ୍ଜବିହାରୀ ଭଲିବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇ ବିଜେତା ଦଳକୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ଇମ୍ପା ଶିଳ୍ପ ଗୋଷ୍ଠୀର ସୁରେଶ ବାବୁ , ଆଶିଷ କୁମାର ରାୟ ଅତିଥି ରୂପେ ଯୋଗଦେଇଥିବା ବେଳେ ସମୀର କୁମାର ରାଉତ ସଂଯୋଜନା କରିଥିଲେ। କାର୍ମିକ ବିଭାଗର ସହକାରୀ ପରିଚାଳକ ଶୋଭନ ଲେଙ୍କା, ଲୋକ ସମ୍ପର୍କ ଓ ସାଧାରଣ ପ୍ରଶାସନ ବିଭାଗର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଏକକ ସଙ୍ଗୀତରେ ବିଦ୍ୟୁସ୍ମିତା ରାଜ୍ୟରେ ପ୍ରଥମ

ଗୁଣପୁର,୨୭।୧୧(ପ୍ରଦୀପ କୁମାର ପାଢ଼ୀ)

## ରାଜ୍ୟସ୍ତରୀୟ ମହକ, ଉତ୍ସାହ କାର୍ଯ୍ୟକ୍ରମ

ରାଜ୍ୟ ଶିଶୁ ସୁରକ୍ଷା ସୋସାଇଟି ତରଫରୁ ସମସ୍ତ ଜିଲାରେ ଥିବା ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବ ଶିଶୁଙ୍କ ଅନ୍ତର୍ନିହିତ କଳା ଓ କ୍ରୀଡାର ବିକାଶ ପାଇଁ ରାଜ୍ୟସ୍ତରୀୟ 'ମହକ ଓ ଉତ୍ସାହ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଗୁଣପୁର ସେବା ସମାଜ ଶିଶୁ ଯତ୍ନ ଅନୁଷ୍ଠାନର ବିଦ୍ୟୁସ୍ମିତା ଶବର ସିନିୟର ଏକକ ସଙ୍ଗୀତରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏଥିସହ ଇନ୍ଦୁ ଭତ୍ରା କନିଷ୍ଠ ଏକାକୀ ସଙ୍ଗୀତ ରେ ତୃତୀୟ ସ୍ଥାନ ଅଧିକାର କରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି। ଏହି ଅବସରରେ ଆଦିବାସୀ ଉନ୍ନୟନ ଏବଂ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ସେବା ସମାଜର ସମ୍ପାଦିକା ରାଜେଶ୍ୱରୀ ଦଳେଇ, ସଭାପତି ମାୟା ଶବର ଏବଂ ସେବା ସମାଜର ସମସ୍ତ ସଦସ୍ୟ, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷା ବିଦ୍ୟୁଲତା ହୁଇକା,ସମସ୍ତ ସଦସ୍ୟ ଏବଂ ଶିଶୁ ସୁରକ୍ଷା ୟୁନିଟର ଭାରପ୍ରାପ୍ତ ଅଧିକାରୀ ବିଚିତ୍ର ସେଠି ୨ ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବିଦ୍ୟୁସ୍ମିତାଙ୍କୁ ପୁରସ୍କୃତ କରୁଛନ୍ତି।

# ଚଇତି ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ପଦ୍ମପୁର,୨୭।୧୧ (ପ୍ରଶାନ୍ତ କୁମାର କର)



ପଦ୍ମପୁର ବ୍ଲକ୍ ସଦଭାବନା ଗୃହଠାରେ ବ୍ଲକସ୍ତରୀୟ ଚଇତି ପାଳନ ନିମନ୍ତେ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଛି। ପଦ୍ମପୁର ବିଡିଓ ଶିବ ପ୍ରସାଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବ୍ଲକ୍ ଅଧ୍ୟକ୍ଷା ମଣିମାଳା ଶବର, ସମନ୍ୱିତ ଶିଶୁ ବିକାଶ ଅଧିକାରୀ ଜଗଦିଶରୀ ଆଲୁ, ବ୍ଲକ୍ ଏମ୍‌ପି ପ୍ରତିନିଧି ମୂରଲି ନାନାଜୀ, ପଦ୍ମପୁର ସରପଞ୍ଚ ପ୍ରକାଶ କଣ୍ଡାଗିରୀ, ଗ୍ରାମ ପଞ୍ଚାୟତ ଅଧିକାରୀ ଗୌରାଙ୍ଗ ଚରଣ କାଦମ୍ବଲୁ, ବିଇଓ ହୃଷୀକେଶ ରଥ, ବ୍ଲକ ଉନ୍ନୟନ ପରିଷଦ ସମ୍ପାଦକ ରମେଶ ଚନ୍ଦ୍ର ପଣ୍ଡା, ବ୍ଲକ ମିଶନ ଶକ୍ତି ମହିଳା ନେତ୍ରୀ ମମତା ପାଣିଗ୍ରାହୀ, ସମସ୍ତ ସରପଞ୍ଚ ଏବଂ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ। ଶାନ୍ତିଶୃଙ୍ଖଳା ସହ କିଭଳି ଚଇତି ପାଳନ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ଗତବର୍ଷ ଚଇତିରେ ବିବରଣୀ ପାଠ କରାଯାଇଥିଲା। ଚଳିତ ବର୍ଷ କୌଣସି ପ୍ରକାର ଅସତ୍ ମାର୍ଗରେ ଲୋକଙ୍କଠାରୁ ଅର୍ଥରାଶି ଆଦାୟ ନ କରି ପ୍ରଶାସନିକ ସହାୟତାରେ ଯାହା କରାଯାଇପାରିବ ସେନେଇ ଗୁରୁତ୍ୱରୋପ କରିଥିଲେ। ଖମାପଦର ପୁଷ୍କରିଣୀରୁ କଳସ ଯାତ୍ରା କରାଯାଇ ଚଇତି ମଣ୍ଡପରେ ସ୍ଥାପନ କରାଯିବା ସହ ବିଭିନ୍ନ କ୍ରୀଡ଼ା ଶିକ୍ଷକଙ୍କୁ ନେଇ ଖେଳକୁଦ ଓ ଆଞ୍ଚଳିକ କଳାକାରଙ୍କୁ ନେଇ ନୃତ୍ୟ ପରିବେଷଣ, ସମ୍ବର୍ଦ୍ଧନା ଆଦି କରାଯିବା ନେଇ ଆଲୋଚନା ହୋଇଥିଲା।

# ଯଯାତି କେଶରୀଙ୍କ ଶ୍ରାଦ୍ଧବାର୍ଷିକୀରେ ସ୍ୱାସ୍ଥ୍ୟ ଶିବିର

ପଦ୍ମପୁର, ୨୭।୧୧ (ପ୍ରଶାନ୍ତ କୁମାର କର)

ପଦ୍ମପୁର ବ୍ଲକ୍‌ର ବିଜେଡି ନେତା ସ୍ୱର୍ଗତ ଯଯାତି କେଶରୀ ସାହୁଙ୍କ ୨୩ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ ଯଯାତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ମାଗଣା ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଆନ୍ଧ୍ର ଶ୍ରୀକାକୁଲମ ରାଘୁଲ ସହର ଜେମ୍ସ ହସ୍ପିଟାଲର ମେଡିକାଲ ଟିମ୍ ପଦ୍ମପୁର ମେଡିକାଲରେ ଏକ କ୍ୟାମ୍ପ କରି ବହୁ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ବିତରଣ କରିଥିଲେ। ଏଥିରେ ମେଡିକାଲର କ୍ଷେତ୍ର ପରିଚାଳକ ଏମ୍. ଚିରଞ୍ଜୀବ, କର୍କଟ ସଂଯୋଜକ ରାଜ କର, ଅବିନାଶ ଦଳବେହେରା, ନିହାରିକା ମନାଡାଙ୍ଗି, ବି. କୁମାର, ପ୍ରମୋଦ ମାଣ୍ଡାଙ୍ଗି ରହିଥିଲେ। ବିଭାଗୀୟ ଡାକ୍ତରୀ ଟିମ୍ ଭାବେ ଇଏନ୍‌ଟି ଡା. ଶରତ ଚନ୍ଦ୍ର, ଅର୍ଥୋ ଡା. ଅରୁଣ ସାଇ, ମେଡିସିନ ବିଭାଗର ଭେଙ୍କଟେଶ, ଇସିଜି ପାଇଁ ହିମା ଓ ରେନୁକା, ଚକ୍ଷୁ ପାଇଁ ଡା. ମହେଶ ଉପସ୍ଥିତ ରହି ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଯଯାତି ସେନା ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସହାୟକ ଭାବେ ପଦ୍ମପୁର ବ୍ଲକ୍ ଅଧ୍ୟକ୍ଷା ମଣିମାଳା ଶବର, ପୂର୍ବତନ ଅଧ୍ୟକ୍ଷ ରାମକାନ୍ତ ମାଝି, ରଘୁନନ୍ଦନ ନାୟକ, ସୁପ୍ରିୟା ଶବର, ସୁବାସ ଶବର, ନାଇରାର ପୂର୍ବତନ ସରପଞ୍ଚ ସୁରେଶ କୁମାର ଶତପଥୀ, ନିଖି ପାଣିଗ୍ରାହୀ, ବିପଦର ବନ୍ଧୁ ଟିମ୍, ପୂର୍ବତନ ଅଧ୍ୟକ୍ଷ କୈଳାସ କ୍ରାସ୍କା ପ୍ରମୁଖ ଉପସ୍ଥିତ ଥିଲେ।

୨୦୦୨ ନଭେମ୍ବର ୨୬ରେ ପଦ୍ମପୁର ବ୍ଲକ୍‌ର ଯଯାତିଙ୍କୁ ମାଓବାଦୀମାନେ ହତ୍ୟା କରିଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଏହି ଦିନକୁ କଳାଦିବସ ଭାବେ ପାଳନ କରୁଛନ୍ତି।

# ଗୋଦାମରେ ପଡ଼ିରହିଛି ୪୬ ହଜାର କ୍ୱିଣ୍ଟାଲ ମାଣ୍ଡିଆ

ରାୟଗଡ଼ା,୨୭।୧୧(ଆଶିଷ ରଞ୍ଜନ ପଣ୍ଡା)



ମାଣ୍ଡିଆ ଚାଷକୁ ପ୍ରୋତ୍ସାହନ ଦେବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ମାଣ୍ଡିଆ ଏକ ପୁଷ୍ଟିକର ଖାଦ୍ୟ ହୋଇଥିବାରୁ ଜିଲା ଯୋଗାଣ ବିଭାଗ ପକ୍ଷରୁ ପିଡିଏସ୍, ସ୍କୁଲ ହଷ୍ଟେଲ ଆଦିକୁ ମାଣ୍ଡିଆ ବଣ୍ଟନ କରାଯାଉଛି। ତେବେ ଜିଲାରେ ୨୦୨୨–୨୩ରେ ସଂଗୃହୀତ ମାଣ୍ଡିଆ ବଣ୍ଟନ ହୋଇଥିବାବେଳେ ୨୦୨୩–୨୪ରେ ୪୬ ହଜାର ୩୫୨.୯୭ କୁଇଣ୍ଟାଲ ସଂଗୃହୀତ ମାଣ୍ଡିଆ ଅଦ୍ୟାବଧି ଗୋଦାମରେ ପଡ଼ିରହିଛି। ଅନ୍ୟପକ୍ଷେ ଜିଲାରେ ଗତ ୨ବର୍ଷ ମଧ୍ୟରେ ମାଣ୍ଡିଆ ଚାଷ ହ୍ରାସ ପାଇଥିବା ଜଣାପଡ଼ିଛି।

୨୦୨୨–୨୩ରେ ୭୭ ହଜାର ୩୯୯.୫୦ କୁଇଣ୍ଟାଲ ମାଣ୍ଡିଆ ଟିଡିସିସି ପକ୍ଷରୁ ସଂଗ୍ରହ ହୋଇଥିବା ବେଳେ ୨୦୨୩–୨୪ରେ ୪୬ ହଜାର ୩୫୨.୯୭ କୁଇଣ୍ଟାଲ ମାଣ୍ଡିଆ ସଂଗ୍ରହ ହୋଇଥିବା ଟିଡିସିସି କାର୍ଯ୍ୟାଳୟରୁ ମିଳିଥିବା ସୂଚନାରୁ ଜଣାପଡ଼ିଛି। ଜିଲାରେ କୃଷି ବିଭାଗ ନାମକୁମାତ୍ର ଦାୟିତ୍ୱ ତୁଲାଉଥିବା ଅଭିଯୋଗ ହୋଇଛି। କେବଳ ମାଣ୍ଡିଆ ନୁହଁ ଧାନ ଓ ଅଣଧାନ ଚାଷ ମଧ୍ୟ ପ୍ରତିବର୍ଷ କମୁଛି। କେବଳ ପରିବା ଚାଷ ହିଁ ସ୍ଥିର ଅଛି। କିନ୍ତୁ ଶ୍ରୀଅନ୍ନ ଯୋଜନାରେ ମାଣ୍ଡିଆ ଚାଷ ବଢିଥିବା କୃଷି ବିଭାଗ ଦର୍ଶାଉଛି। ଯଦି ଚାଷ ବଢୁଛି ଉତ୍ପାଦନ କିଭଳି ଏତେ ପରିମାଣରେ ହ୍ରାସ ପାଇଲା ସେ ନେଇ ପ୍ରଶ୍ନ ଉଠିଛି। ୨୦୨୨–୨୩ ବର୍ଷରେ ବାହାର ରାଜ୍ୟ ବିଶେଷକରି କର୍ଣ୍ଣାଟକରୁ ବ୍ୟାପକ ପରିମାଣରେ ମାଣ୍ଡିଆ ଆଣି ନକଲି ଚାଷୀ ଦେଖାଇ ଚନ୍ଦ୍ରପୁର ସମେତ ଅନ୍ୟ କିଛି ବ୍ଲକରେ ବିକ୍ରି ହୋଇଥିଲା। ରାୟଗଡା ବିଧାୟକ ଆପଲସ୍ୱାମୀ କାଡ୍ରାକା ଓ ବିଷମକଟକ ବିଧାୟକ ନୀଳମାଧବ ହିକକା ଗତ ୧୦ ତାରିଖରେ ଅନୁଷ୍ଠିତ ଶ୍ରୀଅନ୍ନ ଖାଦ୍ୟ ସମ୍ମିଳନୀରେ ଏହି ଗୁମର ଖୋଲିଥିଲେ। ଏଭଳି କାର୍ଯ୍ୟ ନ କରିବା ପାଇଁ ଚେତାବନୀ ମଧ ଦେଇଥିଲେ। ଏ ସମ୍ପର୍କରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଦାଶରଥୀ ସୋରେନ କହିଛନ୍ତି, ସଂଗୃହିତ ମାଣ୍ଡିଆ ବ୍ୟବହାର ପାଇଁ ସରକାରଙ୍କ ତରଫରୁ ଆମକୁ କୌଣସି ନିର୍ଦ୍ଦେଶ ଆସିନାହିଁ। ତେଣୁ ଟିଡିସିସି ଅଧୀନରେ ତାହା ଗଚ୍ଛିତ ରହିଛି। ଆବଶ୍ୟକ ସମୟରେ ଆମେ ଟିଡିସିସିଠାରୁ ନେବୁ। ଯୋଗାଣ ଓ ଟିଡିସିସି ମଧ୍ୟରେ ଚାଲିଥିବା ଟଣାଓଟରା ଭିତରେ ସଂଗୃହିତ ମାଣ୍ଡିଆ କିଭଳି ସୁରକ୍ଷିତ ରହୁଛି ସେ ନେଇ ପ୍ରଶ୍ନ ଉଠିଛି। ଅନ୍ୟପଟେ ରାଜ୍ୟ ପଣ୍ୟାଗାରରେ ମାଣ୍ଡିଆ ଗଚ୍ଛିତ ରଖାଯାଇଥିଲେ ମଧ ଏଥିପାଇଁ ଆବଶ୍ୟକୀୟ ଭିତ୍ତିଭୂମି ନିର୍ମାଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଫଳରେ ଚାଉଳ ସଂଗ୍ରହ କରି ଗଚ୍ଛିତ ରଖିବାରେ ମଧ ସମସ୍ୟା ସୃଷ୍ଟି ହେଉଛି । ଅନ୍ୟପଟେ ଏକ ବର୍ଷ ଧରି ଗଚ୍ଛିତ ରହିଥିବା ମାଣ୍ଡିଆ ବଣ୍ଟନ ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ସେଥିରେ ପୋକ ଲାଗିବା ନେଇ ସମ୍ଭାବନା ରହିଛି। ତେଣୁ ଜିଲା ପ୍ରଶାସନ ଓ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ବୋଲି ଚାଷୀ ମହଲରେ ଦାବି ହୋଇଛି ।

# ମିଳୁନି ଜମି, ଅସ୍ଥାୟୀ ଭାବେ ଚାଲିଛି ୧୦ମଣ୍ଡି

ରାୟଗଡା,୨୭।୧୧ (ଭାଗ୍ୟଶ୍ରୀ ମିଶ୍ର )

- ସ୍ଥାୟୀ ମଣ୍ଡି ନ ଥିବାରୁ ଚାଷୀ ହଇରାଣ
- ମଣ୍ଡି ପାଇଁ ବାଧକ ଜମି ଚିହ୍ନଟ ପ୍ରକ୍ରିୟା

ଆସନ୍ତା ଡିସେମ୍ବର ୧୭ରୁ ରାୟଗଡ଼ା ଜିଲାରେ ଆରମ୍ଭ ହେବ ଖରିଫ ଧାନମଣ୍ଡି । ରାୟଗଡ଼ା ସବ୍ ଡିଭିଜନର ନିୟନ୍ତ୍ରିତ ବଜାର କମିଟି ଗଠନ ହେବାର ୫୭ ବର୍ଷ ବିତିଯାଇଥିଲେ ମଧ ବିଭାଗୀୟ ଆନ୍ତରିକତା ଅଭାବ ଯୋଗୁ ଆଜି ସୁଦ୍ଧା ନିର୍ମାଣ ହୋଇପାରୁନାହିଁ ସ୍ଥାୟୀ ମଣ୍ଡି । ପ୍ରତିବର୍ଷ କେବଳ ଅସ୍ଥାୟୀ ମଣ୍ଡି କରି କାମଚଳା ନୀତି କରାଯାଉଥିବା ଚାଷୀ ମହଲରେ ଅଭିଯୋଗ ହେଉଛି। ମଣ୍ଡି ଖୋଲିବା ପୂର୍ବରୁ ପ୍ରଶାସନ ପକ୍ଷରୁ ବିଭିନ୍ନ ବୈଠକ କରାଯାଇ ଅସ୍ଥାୟୀ ମଣ୍ଡିରେ ଚାଷୀଙ୍କ ପାଇଁ ସମସ୍ତ ସୁବିଧା ଯୋଗାଇ ଦିଆଯିବାକୁ ଆଲୋଚନା ହେଉଛି। ହେଲେ ଉକ୍ତ ଆଲୋଚନା କେବଳ କାଗଜକଲମରେ ସୀମିତ ରହିବା ସହ ମଣ୍ଡିଗୁଡ଼ିକରେ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଉ ନ ଥିବାରୁ ବର୍ଷ ବର୍ଷ ଧରି ଚାଷୀମାନେ ନିଜର ଧାନ, କପା, ମାଣ୍ଡିଆ ବିକ୍ରି ପାଇଁ ଅସ୍ଥାୟୀ ମଣ୍ଡିକୁ ଆସି ହଇରାଣ ହେଉଥିବା ଅଭିଯୋଗ ହେଉଛି। କେଉଁଠି ଆଲୁଅ ବ୍ୟବସ୍ଥା ନାହିଁ ତ କେଉଁଠି ସାମାନ୍ୟ ଗୋଦାମ ଗୃହ କିମ୍ବା ଶୌଚାଳୟ ବ୍ୟବସ୍ଥା ନ ଥିବାରୁ ଚାଷୀ ପ୍ରତିବର୍ଷ ହଇରାଣ ହେଉଥିବା ଅଭିଯୋଗ ହୋଇଛି ।

ରାୟଗଡ଼ା ସବ୍ ଡିଭିଜନ ଅଧୀନରେ ଚଳିତ ବର୍ଷ ୪ଟି ବ୍ଲକ୍‌ରେ ୧୩ଟି ମଣ୍ଡି କରିବାକୁ ସ୍ଥିର ହୋଇଛି। ଏଥିମଧ୍ୟରୁ ମାତ୍ର ୩ଟି ରାୟଗଡା, ଲାକାପାଇ ଏବଂ ବୁଡାଗୁଡାରେ ସ୍ଥାୟୀ ମଣ୍ଡି ରହିଥିବାବେଳେ ଅନ୍ୟ ସବୁ ସ୍ଥାନରେ ଅସ୍ଥାୟୀ ମଣ୍ଡି କରାଯାଉଛି। ଅସ୍ଥାୟୀ ମଣ୍ଡିରେ ଧାନ ରଖିବାକୁ ଗୋଦାମ ଗୃହ, ଓଜନ ମେଶିନ ଏବଂ ପାନୀୟ ଜଳ, ଶୌଚାଳୟ ସୁବିଧା ନ ଥିବାବେଳେ ଧାନର ମାନ ଯାଞ୍ଚ ପାଇଁ ମେଶିନ ରଖାଯାଉ ନ ଥିବାରୁ ଚାଷୀ ପ୍ରତିବର୍ଷ ହଇରାଣ ହେଉଥିବା ଅଭିଯୋଗ ହୋଇଛି। ମଣ୍ଡିରେ ଧାନ ରଖିବାକୁ କିମ୍ବା ଚାଷୀ ରହିବାକୁ ବ୍ୟବସ୍ଥା ନ ଥିବାରୁ ବାଧ୍ୟହୋଇ ଚାଷୀ ଖୋଲା ଆକାଶ ତଳେ ଥଣ୍ଡା କାକରରେ ନିଜ କଷ୍ଟ ଉପାର୍ଜିତ ଧାନ ରଖି ନିଜେ ଜଗି ରହିଥାନ୍ତି ବୋଲି କଲ୍ୟାଣସିଂପୁରର ଜଣେ ଚାଷୀ ଶଙ୍କର ବାଡକା କହିଛନ୍ତି । ଗତ ବର୍ଷ କଲ୍ୟାଣସିଂପୁରର ଅସ୍ଥାୟୀ ମଣ୍ଡିରେ ଓଜନ ମେଶିନ ନ ଥିବାରୁ ଅଞ୍ଚଳର ଚାଷୀ ବାଧ୍ୟହୋଇ ବୁଡାଗୁଡାରେ ଥିବା ସ୍ଥାୟୀ ମଣ୍ଡିରେ ଧାନ ବିକ୍ରି କରିଥିଲେ। କିନ୍ତୁ କଲ୍ୟାଣସିଂପୁରରୁ ବୁଡାଗୁଡା ପ୍ରାୟ ୧୨କି.ମି. ଦୂର ହୋଇଥିବାରୁ ଗାଡି ଭଡ଼ାକରି ମଣ୍ଡିକୁ ନେବାକୁ ଅଧିକ ଖର୍ଚ୍ଚନ୍ତ ହେବାକୁ ପଡୁଥିବା ଚାଷୀ ଅଭିଯୋଗ କରିଛନ୍ତି। ସେହିପରି ପ୍ରତ୍ୟେକ ମଣ୍ଡିରେ ସିସି କ୍ୟାମେରା ଲାଗିବ ବୋଲି ସରକାର ଘୋଷଣା କରିଛନ୍ତି। ତେବେ ରାୟଗଡ଼ା ଜିଲାରେ ଅଧାରୁ ଅଧିକ ଦୁର୍ଗମ ଗ୍ରାମରେ ବିଜୁଳି ସମସ୍ୟା ଥିବାରୁ ଏହା ସମ୍ଭବ ହୋଇପାରିବନାହିଁ ବୋଲି ଜଣାପଡ଼ିଛି। ତେଣୁ ଆଉ ୫ଟି ସ୍ଥାନରେ ଟିକିରି, କାଶୀପୁର, କେରଡ଼ା, ମୁକୁନ୍ଦପୁର, କଲ୍ୟାଣସିଂପୁର ଏବଂ ଥେରୁବାଲିରେ ସ୍ଥାୟୀ ମଣ୍ଡି ପାଇଁ ବିଭାଗ ପକ୍ଷରୁ ଅନେକ ଥର ରାୟଗଡା ତହସିଲଦାରଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା ଗତ ୫ ବର୍ଷରୁ ଉର୍ଦ୍ଧ୍ୱ ହେବ ଏଥିପାଇଁ ଜମି ଚିହ୍ନଟ କରି ଦିଆଯାଉ ନ ଥିବାରୁ ସ୍ଥାୟୀ ମଣ୍ଡି ନିର୍ମାଣ ହୋଇପାରୁ ନ ଥିବା ଆର୍‌ଏମ୍‌ସି ସମ୍ପାଦକ ବିପିନ ସ୍ୱାଇଁ କହିଛନ୍ତି । ଚାଷୀ ଯେପରି ସୁରୁଖୁରୁରେ ମଣ୍ଡିରେ ଧାନ ବିକ୍ରିକରି ନିଜର ପ୍ରାପ୍ୟ ପାଇବେ ଏବଂ ଚାଷୀଙ୍କ ପାଇଁ ଯାତାୟାତର ଦୂରତା କମାଇବା ସହ ଆବଶ୍ୟକ ମୌଳିକ ସୁବିଧା ଯୋଗାଇଦେଲେ ଚାଷୀ ମଣ୍ଡିକୁ ଆସିବେ ବୋଲି ବୁଦ୍ଧିଜୀବୀ କହିଛନ୍ତି । ଚଳିତ ବର୍ଷ ରାଜ୍ୟରେ ଭାଜପା ସରକାର ଗଠନ ପରେ କଟ୍‌ନ ଛଟ୍‌ନି ବନ୍ଦ କରାଯିବା ସହ ଧାନ କୁଇଣ୍ଟାଲ ପିଛା ୩୧ ଶହ ଟଙ୍କାରେ ବିକ୍ରି କରାଯିବ । ରାୟଗଡ଼ା ଜିଲାରେ ପ୍ରାୟ ୨୧ ହଜାର ୧୪୬ ଜଣ ପଞ୍ଜୀକୃତ ଚାଷୀଙ୍କଠାରୁ ମଣ୍ଡି ମାଧ୍ୟମରେ ଧାନ କ୍ରୟ କରାଯିବ ବୋଲି ଜଣାପଡ଼ିଛି ।

# ସଂସ୍କୃତି, ପରମ୍ପରା ଐତିହ୍ୟ ବଜାୟ ରଖୁଛି ମଣ୍ଡେଇ



ପାପଡ଼ାହାଣ୍ଡି ବ୍ଲକ୍‌ସ୍ତରୀୟ ମଣ୍ଡେଇ ଉଦ୍‌ଘାଟନ ଅବସରରେ ମଞ୍ଚାସୀନ ଅତିଥି।


ନବରଙ୍ଗପୁର ପୌରପରିଷଦସ୍ତରୀୟ ମଣ୍ଡେଇ ଉଦ୍‌ଯାପନୀ ଉତ୍ସବରେ ମଣ୍ଡେଇ ମ୍ୟୁଜିକ ଭିଡିଓ ଉନ୍ମୋଚନ କରାଯାଉଛି।

**ପାପଡ଼ାହାଣ୍ଡି, ୨୭।୧୧ (ସ୍ୱପ୍ନଜିତ ପଟ୍ଟନାୟକ)**

ପାପଡ଼ାହାଣ୍ଡିରେ ବ୍ଲକ୍‌ସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା ପରେ ମଶାଲ ଶୋଭାଯାତ୍ରା ବାହାରିଥିଲା। ଅଞ୍ଚଳର ଲାଠି, କୁର୍ଚ୍ଚି ଓ ବାଦ୍ୟ ନୃତ୍ୟର ତାଳେ ତାଳେ ମଶାଲ ଶୋଭାଯାତ୍ରା ବାହାରିଥିଲା। ମଶାଲ ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚିବା ପରେ ମଣ୍ଡେଇ ମଣ୍ଡପରେ ମଶାଲ ସ୍ଥାପନ କରାଯାଇଥିଲା। ଶୋଭାଯାତ୍ରାରେ ବ୍ଲକ୍ ଅଧକ୍ଷା ହେମଲତା ମାଝୀ, ବ୍ଲକ୍ ଉପାଧ୍ୟକ୍ଷ ସୁଶାନ୍ତ ବେହେରା, କୋଷାଗୁମୁଡ଼ା ବ୍ଲକ୍ ଅଧକ୍ଷା ସର୍ବେଶ୍ୱରୀ ମାଝୀ, ପୂର୍ବତନ ବିଧାୟକ ଭୁଜବଳ ମାଝୀ, ଜିଲା ପରିଷଦ ସଭ୍ୟା ଲିପିକା ମାଝୀ, ବିଡିଓ କପିଳଦେବ ସାହୁଙ୍କ ସହ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ ଓ ଜନସାଧାରଣ ଉପସ୍ଥିତ ଥିଲେ। ବ୍ଲକ୍ କାର୍ଯ୍ୟାଳୟରେ ଶିକ୍ଷା, ସ୍ୱାସ୍ଥ୍ୟ, ମୃତ୍ତିକା, ଶିଶୁ ବିକାଶ ପ୍ରକଳ୍ପ ଆଦିର ଷ୍ଟଲ ଉଦ୍‌ଘାଟନ କରାଯାଇଛି। ସେଠାରେ ଆୟୋଜିତ ସଭାରେ ବିଡିଓ କପିଳଦେବ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ମଞ୍ଚରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ମନ୍ତ୍ରୀ ପ୍ରତିନିଧି ଲିଙ୍ଗରାଜ ଭତରା, ଏମ୍‌ପି ପ୍ରତିନିଧି କ୍ଷେତ୍ରମୋହନ ପାତ୍ର, ବିଧାୟକଙ୍କ ପ୍ରତିନିଧି ରଜନୀକାନ୍ତ ସାସମଲ ପ୍ରମୁଖ ସାମିଲ ହୋଇଥିଲେ। ଆମ ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ବଜାୟ ରଖୁଛି ମଣ୍ଡେଇ। ଏହା ଏବେ ଜାତୀୟସ୍ତରରେ ନାଁ କରିଛି। ନାଚ, ଗୀତ, ଖେଳ ଆଦି ପ୍ରତିଭା ସହ ଅଞ୍ଚଳର ଲୋକଙ୍କ ବିକାଶ କରିବା ମଣ୍ଡେଇର ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। ଜଟାବାଲ ସରଗମ ମେଲୋଡି ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ବିଭିନ୍ନ ପଞ୍ଚାୟତରୁ ଆସିଥିବା ସାଂସ୍କୃତିକ ଦଳ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଦର୍ଶକଙ୍କୁ ଝୁମାଇଲେ କଣ୍ଠଶିଳ୍ପୀ ଅସୀମା

**ନବରଙ୍ଗପୁର ପୌରପାଳିକା ମଣ୍ଡେଇର ଦ୍ୱିତୀୟ ସନ୍ଧ୍ୟା**

**ନବରଙ୍ଗପୁର, ୨୭।୧୧ (ସଦାଶିବ ପ୍ରହରାଜ)**

ନବରଙ୍ଗପୁର ପୌରପାଳିକାସ୍ତରୀୟ ମଣ୍ଡେଇର ଉଦ୍‌ଯାପନୀ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଛି। ପୌରାଧ୍ୟକ୍ଷ କୁନୁ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଡା. ଶୁଭଙ୍କର ମହାପାତ୍ର ମୁଖ୍ୟଅତିଥିଭାବେ ଉପସ୍ଥିତ ଥିଲେ। ଏସ୍‌ପି ମିହିର କୁମାର ପଣ୍ଡା, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ୍, ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ନବୀନଚନ୍ଦ୍ର ନାୟକ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସମରେଶ ମହାନ୍ତି ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। କଣ୍ଠଶିଳ୍ପୀ ଅସୀମା ପଣ୍ଡାଙ୍କ ଗୀତରେ ଦର୍ଶକ ବେଶ୍ ଝୁମିଥିଲେ। ପୁରୁଣା ମଣ୍ଡେଇ ପଡ଼ିଆରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱରରୁ ଆସିଥିବା ଦଶାବତାର ନାଟ୍ୟଶାଳା ଓ ସହରର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ନୃତ୍ୟ ପରିବେଷଣ କରିଥିଲେ। ମଣ୍ଡେଇ ମଞ୍ଚରେ ୩ଟି ସାମାଜିକ ସଙ୍ଗଠନ, ପୌରାଞ୍ଚଳର ବିଭିନ୍ନ ଏସ୍‌ଏଚ୍‌ଜିଙ୍କୁ ସମ୍ମାନିତ କରାଯାଇଥିଲା। ମଣ୍ଡେଇ ମ୍ୟୁଜିକ୍ ଭିଡିଓକୁ ଅତିଥି ଉନ୍ମୋଚନ କରିଥିଲେ। ଜ୍ୟୋତି ପରିଚ୍ଛା ମଞ୍ଚ ପରିଚାଳନା କରିଥିଲେ।

## ରେଳମନ୍ତ୍ରୀଙ୍କୁ ଭେଟିଲେ ନବରଙ୍ଗପୁର ଏମ୍‌ପି

### ଜୟପୁର-ନବରଙ୍ଗପୁର, ଜୟପୁର-ମାଲକାନଗିରି ରେଳପଥ ସମ୍ପର୍କରେ ଆଲୋଚନା

**ନବରଙ୍ଗପୁର, ୨୭।୧୧ (ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି ଓ କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟିଛନ୍ତି। ଜୟପୁର-ନବରଙ୍ଗପୁର ଓ ଜୟପୁର-ମାଲକାନଗିରି ରେଳପଥ ପାଇଁ ଭୂମି ଅଧିଗ୍ରହଣ କାମ ତ୍ୱରାନ୍ୱିତ କରିବାକୁ ସେମାନେ ପ୍ରସ୍ତାବ ଦେଇଛନ୍ତି। ଭୂମି ମାଲିକଙ୍କୁ ଉଚିତ କ୍ଷତିପୂରଣ ଦେଇ ଏହି ୨ ଲାଇନର କାମ ଶୀଘ୍ର ଆରମ୍ଭ କରାଯାଉ ବୋଲି ସେମାନେ ରେଳମନ୍ତ୍ରୀଙ୍କୁ ଦାବି କରିଛନ୍ତି। ମାଲକାନଗିରି- ଭଦ୍ରାଚଳମ ଓ ନବରଙ୍ଗପୁର-ଜୁନାଗଡ଼ ରେଳପଥ କାମକୁ ମଧ୍ୟ ଆଗକୁ ବଢ଼ାଇବା, ରାୟଗଡ଼ା ରେଳ ମଣ୍ଡଳକୁ କାର୍ଯ୍ୟକାରୀ କରାଇବା ଭଳି ପ୍ରମୁଖ ଘଟଣାକୁ ନେଇ ଆଲୋଚନା କରାଯାଇଛି। ନୂତନ ରେଳମଣ୍ଡଳରେ ଓଡ଼ିଶାର ସ୍ୱାର୍ଥକୁ ଧ୍ୟାନଦେବା ପାଇଁ ଅନୁରୋଧ କରାଯାଇଛି। ସମସ୍ତ ବିଷୟକୁ ଧ୍ୟାନ ଦିଆଯିବ। ଜମି ହରାଉଥିବା ମାଲିକଙ୍କ ପ୍ରତି ନ୍ୟାୟ ହେବ । ଆଗାମୀ ବର୍ଷ ୨ ନୂଆ ଲାଇନ ଓ ରାୟଗଡ଼ା ମଣ୍ଡଳ କାମ ଆରମ୍ଭ ହେବ ବୋଲି ରେଳମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।


ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି ଓ କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଆଲୋଚନା କରୁଛନ୍ତି।

## ଟ୍ରାକ୍ଟର ଓଲଟି ଯୁବକ ମୃତ

**ଡାବୁଗାଁ, ୨୭।୧୧ (ପ୍ରଜ୍ଞାରଞ୍ଜନ ପରିଡ଼ା)**

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ମାନିଗାଁ-ରାଉଲିଗୁଡ଼ା ରାସ୍ତାର ଜଙ୍ଗଲ ପାଖରେ ଟ୍ରାକ୍ଟର ଓଲଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଟ୍ରାକ୍ଟର ଚାଳକ ମାନିଗାଁଗ୍ରାମର ରୁନା ବାଗ (୧୮)। ବୁଧବାର ୫ଟାରେ ରୁନା ଟ୍ରାକ୍ଟର ନେଇ ଯିବାବେଳେ ମାନିଗାଁ-ରାଉଲିଗୁଡ଼ା ରାସ୍ତାରେ ଗାଡ଼ିର ଡାହାଣ ପାଖ ଆଗ ଚକା ହଠାତ୍ ବାହାରି ଯିବାରୁ ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ଗାଡ଼ି ତଳେ ଚାପି ହୋଇ ରୁନାଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ବାପା ଖବରପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଘରକୁ ନେଇଯାଇଥିଲେ। ଖବରପାଇ ଡାବୁଗାଁ ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ମାଲ୍ୟବନ୍ତ ମହୋତ୍ସବ ସଫଳତା ନେଇ ସହଯୋଗ ଲୋଡ଼ିଲେ ଜିଲାପାଳ

ମାଲକାନଗିରି, ୨୭।୧୧ (ଦୁର୍ଯ୍ୟୋଧନ ପାତ୍ର)-ଡିସେମ୍ବର ୧୩ରୁ ୧୭ ପର୍ଯ୍ୟନ୍ତ ମାଲକାନଗିରି ଜିଲାସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଏହି ମହୋତ୍ସବକୁ ସଫଳ କରିବାକୁ ନେଇ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ସମସ୍ତଙ୍କ ସହଯୋଗ ଲୋଡିଛନ୍ତି। ସେ କହିଛନ୍ତି, ଡିସେମ୍ବର ୧୩ ରୁ ୧୫ ତାରିଖ ପର୍ଯ୍ୟନ୍ତ ମାଲକାନଗିର ଡିଏନ୍‌କେ ଖେଳ ପଡିଆରେ ମାଲ୍ୟବନ୍ତ ମହୋତ୍ସବ ଓ ୧୩ରୁ ୧୭ ତାରିଖ ପର୍ଯ୍ୟନ୍ତ ପଲ୍ଲିଶ୍ରୀ ମେଳା ଅନୁଷ୍ଠିତ ହେବ। ଆଦିବାସୀ ପଡିଆରେ କୃଷି ମେଳା ଅନୁଷ୍ଠିତ ହେବ । ଏଥିସହ ଫଟୋ ଉତ୍ତୋଳନ ପ୍ରତିଯୋଗିତା, ଭିଡିଓ ଚିତ୍ର ଉତ୍ତୋଳନ ପ୍ରତିଯୋଗିତା, ନୌକା ଚାଳନା ପ୍ରତିଯୋଗିତା, ଭଲିବଲ ଟୁର୍ନାମେଣ୍ଟ, ଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏହି ଅବସରରେ ଜିଲାର କଳା, ସଂସ୍କୃତି ଓ ପରମ୍ପରା ପ୍ରଦର୍ଶନ ନିମନ୍ତେ ଇଚ୍ଛୁକ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ପ୍ରଦର୍ଶନ ନିମନ୍ତେ ଜିଲାପାଳ ବାର୍ତ୍ତା ଦେଇଛନ୍ତି।

## ନୌକା ପ୍ରତିଯୋଗିତା ପାଇଁ ସ୍ଥିତି ଅନୁଧ୍ୟାନକଲେ ପରିଚାଳନା କମିଟି ସଦସ୍ୟ

**ମାଲକାନଗିରି, ୨୭।୧୧ (ଦୁର୍ଯ୍ୟୋଧନ ପାତ୍ର)**

ମାଲ୍ୟବନ୍ତ ମହୋତ୍ସବ ଉପଲକ୍ଷେ ଆସନ୍ତା ୧୧ ତାରିଖରେ ସତୀଗୁଡା ଜଳଭଣ୍ଡାରରେ ମତ୍ସ୍ୟଜୀବୀମାନଙ୍କୁ ନେଇ ନୌକା ପ୍ରତିଯୋଗିତା ନିମନ୍ତେ ଜଳଭଣ୍ଡାରର ସ୍ଥିତି ଅନୁଧ୍ୟାନକଲେ ପରିଚାଳନା କମିଟି ସଦସ୍ୟ। ଏହି ଉପଲକ୍ଷେ ବୁଧବାର ପରିଚାଳନା କମିଟ ଅଧକ୍ଷ ତଥା ଜିଲା କ୍ରୀଡ଼ା ଅଧିକାରୀ ମାଧବ ପାଙ୍ଗୀ, ସହକାରୀ ବନ ସଂରକ୍ଷକ ମନସୁନ ଖେମୁଣ୍ଡୁ, ଜିଲା ମତ୍ସ୍ୟ ଅଧିକାରୀ ସୁଶାନ୍ତ କୁମାର ଗୌଡ, କମିଟି ସଦସ୍ୟ ଦୁର୍ଯ୍ୟୋଧନ ପାତ୍ର, ସତୀଗୁଡା ମତ୍ସ୍ୟଜୀବୀ ସଂଗଠନ କର୍ମକର୍ତ୍ତା ଓ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଜଳଭଣ୍ଡାରରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ୧୦ ନୌକା ପାଇଁ ୧୦୦ ମିଟର ପରିଧିରେ ସୋଲ ଏବଂ ବେଲୁନ ଓ ସୁତୁଲି ଦ୍ୱାରା ଟ୍ରାକ୍ କରାଯିବ । ଏହାକୁ ବନ ବିଭାଗ ଦାୟିତ୍ୱରେ ଦିଆଯାଇଥିବା ବେଳେ ମତ୍ସ୍ୟ ବିଭାଗ ପ୍ରତିଯୋଗୀଙ୍କ ପ୍ରତି ନୌକା ଚାଳନା କରିବା ପାଇଁ ୪ ଜଣଙ୍କ ନାମ, ଗ୍ରାମ ପଞ୍ଜୀକୃତ କରିବେ । ଏଥିସହ ପ୍ରତିଯୋଗୀମାନଙ୍କ ପାଇଁ ଜରୁରିକାଳୀନ ଔଷଧ, ପାନୀୟ ଜଳ, ଶୁଖିଲା ଖାଦ୍ୟ ବ୍ୟବସ୍ଥା କରିବେ । ବନ ବିଭାଗ ପ୍ରତିଯୋଗୀମାନଙ୍କ ପାଇଁ ଟୋପି ଓ ଟି-ଶାର୍ଟ, ମଞ୍ଚ ଓ ଡାକବାଜି ଯନ୍ତ୍ର, ୱାକିଟକି, ସବୁଜ ପତାକା ଯୋଗାଇ ଦେବେ । ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଚୟନ ପାଇଁ ୪ ଜଣ ଚୟନକର୍ତ୍ତା ରହିବେ । କ୍ରୀଡ଼ା ଅଧିକାରୀ ଏହି ଚୟନ କର୍ତ୍ତାମାନଙ୍କୁ ନିଯୋଜିତ କରିବେ । ଅଗ୍ନିଶମ ବିଭାଗ ପ୍ରତିଯୋଗୀ ଏବଂ ଜଳଭଣ୍ଡାରରେ ତଦାରଖ କରୁଥିବା ଅଧିକାରୀମାନଙ୍କ ସୁରକ୍ଷା ଦାୟିତ୍ୱ ତୁଲାଇବା ସହ ୬୦ ଲାଇଫ୍ ଜ୍ୟାକେଟ ଜିଲାପାଳଙ୍କ କାର୍ଯ୍ୟାଳୟ ଜରୁରିକାଳୀନ ବିଭାଗଠାରୁ ଗ୍ରହଣକରି ପ୍ରତିଯୋଗୀ ଓ ଅଧିକାରୀମାନଙ୍କୁ ବିତରଣ କରିବେ । ବିନା ଲାଇଫ ଜ୍ୟାକେଟରେ ପ୍ରତିଯୋଗୀ କିମ୍ବା ଅଧିକାରୀମାନେ ଜଳଭଣ୍ଡାରରେ ପ୍ରବେଶ କରିପାରିବେ ନାହିଁ। ଆସନ୍ତା ୭ ତାରିଖରେ ପ୍ରତିଯୋଗୀମାନଙ୍କୁ ନେଇ ଏକ ମକ୍‌ଡ୍ରିଲ ଜଳଭଣ୍ଡାରରେ ହେବ । ୧୧ ତାରିଖ ଅପରାହ୍ନ ୩.୩୦ରେ ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧକ୍ଷ ଏହି ପ୍ରତିଯୋଗିତାକୁ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରବା କାର୍ଯ୍ୟକ୍ରମ ରହିଛି। ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜଳଭଣ୍ଡାର ଚତୁଃପାର୍ଶ୍ୱରେ ଥିବା ଗ୍ରାମ ଓ ସହର ମଧ୍ୟରେ ଏହାର ପ୍ରଚାର ପ୍ରସାର କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ।


ବୈଠକରେ ଆଲୋଚନା କରାଯାଉଛି।

## ଜଗନ୍ନାଥ ସାଗର ବିକାଶ ନେଇ ଜୟପୁର ବନ୍ଦ ନିଷ୍ପତ୍ତି

ଜୟପୁର, ୨୭।୧୧ (ପବନ ପାଣିଗ୍ରାହୀ)
ମୋ ଜଗନ୍ନାଥ ସାଗର ସୁରକ୍ଷା ସମିତି ପକ୍ଷରୁ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସମ୍ପୂର୍ଣ୍ଣ ଜଗନ୍ନାଥ ସାଗରର ସୀମା ନିର୍ଦ୍ଧାରଣ, ସାଗର ମଧ୍ୟରେ ଥିବା ସମସ୍ତ ଆଡିବନ୍ଧ ଉଚ୍ଛେଦ, ମତ୍ସ୍ୟ ବିଭାଗ ସ୍ଥାନାନ୍ତରଣ, ସମସ୍ତ ରାଜନୈତିକ ଦଳକୁ ନେଇ ବୈଠକ, ସମ୍ପୂର୍ଣ୍ଣ ପୁନରୁଦ୍ଧାର ନେଇ ସ୍ଥାନୀୟ ସାମାଜିକ, ସାଂସ୍କୃତିକ, ଧାର୍ମିକ, ଆଧ୍ୟାତ୍ମିକ ବ୍ୟବସାୟିକ ଅନୁଷ୍ଠାନକୁ ନେଇ ଗୋଟିଏ ଦିନ ଜୟପୁର ବନ୍ଦ ଡାକରା ଦେବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ରଜନୀକାନ୍ତ ନାୟକ, ବି.ଚନ୍ଦନ ସାହୁ, ମୁନା ପାଣିଗ୍ରାହୀ, ରଘୁନାଥ ତ୍ରିପାଠୀ, ସିତୀଶ ନନ୍ଦ, ନିରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## କୁଡୁମୁଲୁଗୁମ୍ମା ମହାବିଦ୍ୟାଳୟରେ ଜାତୀୟ ସମ୍ବିଧାନ ଦିବସ



ବୈଠକରେ ଅତିଥିମାନେ ସମ୍ବିଧାନ ଦିବସ ବିଷୟରେ ଆଲୋଚନା କରୁଛନ୍ତି।

**ମାଲକାନଗିରି, ୨୭।୧୧ (ଗୌରୀଶଙ୍କର ପଣ୍ଡା)**

ମାଲକାନଗିରି ଜିଲା ଖଇରପୁଟ ବ୍ଲକ୍ କୁଡୁମୁଲୁଗୁମ୍ମା ସଦର ପଞ୍ଚାୟତ ଡାରଉଇନ ସ୍ମାରକୀ ସ୍ନାତକ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଏବଂ ଯୁବ ରେଡ୍‌କ୍ରସ୍‌ର ମିଳିତ ଆନୁକୂଲ୍ୟରେ ଜାତୀୟ ସମ୍ବିଧାନ ଦିବସ ପାଳିତ ହୋଇ ଯାଇଛି। ଇତିହାସ ଅଧ୍ୟାପିକା ମଧୁମିତା ବିଶ୍ୱାଳଙ୍କ ସଭା ପରିଚାଳନା କରିଥିବା ବେଳେ ଜାତୀୟ ସେବା ଯୋଜନା କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶ୍ୱଜିତ ମହାନ୍ତି ଓ ଯୁବ ରେଡ୍‌କ୍ରସ୍ ପରାମର୍ଶଦାତା ଏଲିନା ବେହେରା ପ୍ରମୁଖ ଯୋଗଦେଇ ଦିବସର ମହତ୍ତ୍ୱ ଓ ଭାରତୀୟ ସମ୍ବିଧାନର ପ୍ରଣେତା ଭୀମରାଓ ଆମ୍ବେଡ଼କରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଶେଷରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ଶପଥପାଠ କରାଯାଇଥିଲା। ଏହି ଅବସରରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପିକା ସୀତା ଖୋସଲା ଧନ୍ୟବାଦ ଅର୍ପଣ କରିଥିଲେ ।

## କୋରାପୁଟ ଘରୋଇ ବସ୍ ମାଲିକ ସଂଘ ସଭାପତିଙ୍କୁ ଛୁରାମାଡ଼

କୋରାପୁଟ, ୨୭।୧୧ (ଅମିତାଭ ବେହେରା): ବସ୍ ସମୟକୁ ନେଇ କୋରାପୁଟ ଘରୋଇ ମାଲିକ ସଂଘ ସଭାପତି ଏସ୍. କାସିମଙ୍କୁ କେତେଜଣ ଦୁର୍ବୃତ୍ତ ଛୁରାମାଡ଼ କରିଛନ୍ତି। ଏଥିରେ କାସିମଙ୍କ ବାମ କାନ୍ଧରେ ଗଭୀର ଆଘାତ ଲାଗିଥିବା ଜଣାପଡ଼ିଛି। ଏ ନେଇ କୋରାପୁଟ ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ କରି ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଟାଉନ ଥାନା ସବ୍ ଇନ୍ସପେକ୍ଟର ରଞ୍ଜିତ ମିଶ୍ର ସୂଚନା ଦେଇଛନ୍ତି।

## ଜୟପୁର ଉତ୍କଳ ବାଳାଶ୍ରମର ପର୍ଶୁରାମ ଦ୍ୱିତୀୟ

**ରାଜ୍ୟସ୍ତରୀୟ ମହକର ଚିତ୍ରାଙ୍କନ ପ୍ରତିଯୋଗିତା**

**ଜୟପୁର, ୨୭।୧୧ (ପବନ ପାଣିଗ୍ରାହୀ)**

ରାଜ୍ୟସ୍ତରୀୟ ମହକ ପ୍ରତିଯୋଗିତା ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଛି। ଜୟପୁର ଉତ୍କଳ ବାଳାଶ୍ରମର ଛାତ୍ର ପର୍ଶୁରାମ ହାଲବା ଚିତ୍ରାଙ୍କନରେ ଦ୍ୱିତୀୟ ହୋଇଛନ୍ତି। ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କମିଶନର ସେକ୍ରେଟେରୀ ଶୋଭା ଶର୍ମା, ଫାଇନାନ୍ସ ସ୍ପେସାଲ ସେକ୍ରେଟେରୀ ଯାମିନି ଷଡଙ୍ଗୀ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।


ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଅନ୍ୟ ଅତିଥିମାନେ ପର୍ଶୁରାମଙ୍କୁ ପୁରସ୍କୃତ କରୁଛନ୍ତି ।

## ଜୟପୁରରେ ୬୩ତମ ଜାତୀୟ ଫାର୍ମାସି ସପ୍ତାହ

ଜୟପୁର, ୨୭।୧୧ (ପବନ ପାଣିଗ୍ରାହୀ)
ଜୟପୁର କଲେଜ ଅଫ ଫାର୍ମାସୀ ପକ୍ଷରୁ ୬୩ତମ ଜାତୀୟ ଫର୍ମାସି ସପ୍ତାହ ଅବସରରେ ରଙ୍ଗାରଙ୍ଗ କାଯ୍ୟକ୍ରମ, ରକ୍ତଦାନ ଶିବିର କରାଯାଇଥିଲା। ବୁଧବାର ଜୟପୁର ସରକାରୀ ମହିଳା ମହାବିଦ୍ୟାଳୟ ନିକଟରୁ ଏକ ଶୋଭାଯାତ୍ରା ବାହାରି ପଞ୍ଚାନନ ମନ୍ଦିର ନିକଟରେ ପହଞ୍ଚି ଥିଲା। ଶୋଭାଯାତ୍ରାକୁ ଅନୁଷ୍ଠାନ ଭାଇସ୍ ପ୍ରିନ୍ସିପାଲ ସଂଗ୍ରାମ କେଶରୀ ପଣ୍ଡା ଉଦ୍‌ଘାଟନ କରିଥିଲେ। ରଣ୍ଡାପାଲ୍ଲି ସ୍ଥିତ ଫର୍ମାସି କଲେଜରେ ସମାପନ ଉତ୍ସବ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଫର୍ମାସିଷ୍ଟ ସଞ୍ଜିବ କୁମାର ସୁବୁଦ୍ଧି ଓ ରାମକୃଷ୍ଣ ପାଢୀ ଉପସ୍ଥିତ ଥିଲେ। ପ୍ରଫେସର ଭି. ଶ୍ରୀଦେବୀ, ଶାଶ୍ୱତ ରଥ ଉପସ୍ଥିତ ଥିଲେ। ମାନସି ଖଡ଼ଙ୍ଗା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସମ୍ବିଧାନ ରଥକୁ ସ୍ୱାଗତ ସମ୍ବର୍ଦ୍ଧନା

**ମାଥିଲି, ୨୭।୧୧ (ସୁବାସ ଚନ୍ଦ୍ର ଖୁଡୁପିଆ)**

ଭାରତର ସମ୍ବିଧାନ ରଥକୁ ମାଲକାନଗିରି ଜିଲା ମାଥିଲି ବ୍ଲକ୍ ସଦର ମହକୁମାରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଜିଲା ସମ୍ବିଧାନ ସୁରକ୍ଷା ମଞ୍ଚ ଆବାହକ ସୋନୁ ଅନୁଗୁଙ୍କ ଅଧକ୍ଷତାରେ ସମ୍ବିଧାନ ରଥକୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ଜିଲା ପରିଷଦ ସଭ୍ୟା ତଥା ବିଜେଡି ଜିଲା ମହିଳା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ, ମାଥିଲି ସରପଞ୍ଚ କାନାମ ରାଜୁ ନାୟକ, ସମିତି ସଭ୍ୟ ତଥା ଯୁବନେତା ବାଲାରାଜୁ କୋପେ, ସ୍ଥାନୀୟ ବରିଷ୍ଠ କଂଗ୍ରେସ ନେତା ଉଦୟନାଥ ମହାରଣା, ଶହୀଦ ଲକ୍ଷ୍ମଣ ନାୟକଙ୍କ ନାତି ମୁକୁନ୍ଦ ନାୟକ, ବିଜେଡି ବ୍ଲକ ସଭାପତି ବିଦ୍ୟାଧର ପୂଜାରୀ, ପୂର୍ଣ୍ଣଚନ୍ଦ୍ର ଦୁରିଆ, ଗାଁ ସାଥୀ ସଂଘ ବ୍ଲକ ସଭାପତି ସନାଧର ମୁଦୁଲି, କୃଷ୍ଣ ଗୌଡ଼, କର୍ଣ୍ଣ ଦୁରିଆ ଓ ଆସିକ ବାଦଶାଙ୍କ ସମେତ ବହୁ ମହିଳା ଓ ପୁରୁଷ ରଥକୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

## ଶିଶୁ ସୁରକ୍ଷା ପାଇଁ ମିଳିତ ମଞ୍ଚ ବୈଠକ

**ମାଲକାନଗିରି, ୨୭।୧୧ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ମହିଳା ମହାବିଦ୍ୟାଳୟ ସଭା ଗୃହରେ ବୁଧବାର ଶିଶୁ ସୁରକ୍ଷା ପାଇଁ ମିଳିତ ମଞ୍ଚ ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ମିଳିତ ଆନୁକୂଲ୍ୟରେ ବାଲ୍ୟବିବାହ ମୁକ୍ତ ଭାରତ ସମ୍ପର୍କରେ ଛାତ୍ରୀଙ୍କୁ ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପଳ ସୋମନାଥ ପ୍ରଧାନ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ, ଜିଲା ସମାଜ ମଙ୍ଗଳ ଅଧିକାରୀ ତେରେସ୍କୋଭା ମଲ୍ଲିକ, ଜିଲା ଶ୍ରମ ଅଧିକାରୀ ତରୁଣ ମଣ୍ଡଳ ଉପସ୍ଥିତ ରହି ବାଲ୍ୟବିବାହ ପାଇଁ ସରକାର ଯେଉଁ ନୀତି ନିୟମ , ବୟସ ନିର୍ଦ୍ଧାରିତ କରିଛନ୍ତି ସମସ୍ତ କୁମାରୀମାନେ ଏହି ନିୟମକୁ ମାନିଲେ ଆଗାମୀ ଦିନରେ ସେମାନଙ୍କ ଭବିଷ୍ୟତ ସ୍ୱାସ୍ଥ୍ୟ ଏବଂ ଜନ୍ମିତ ଶିଶୁ ସୁସ୍ଥ ରହିବେ । ଯଦି କୌଣସି ପରିବାର ଜୋରଜବରଦସ୍ତି ନାବାଳିକା କିମ୍ବା ନାବାଳକଙ୍କୁ ବିବାହ କରନ୍ତି ତାକୁ ବିରୋଧ କରିବା ସହ ପ୍ରଶାସନ ଦୃଷ୍ଟିକୁ ଆଣିବା ପାଇଁ ପରାମର୍ଶ ଦେଇଥିଲେ। ଏଥିସହ ବାଲ୍ୟବିବାହ ମୁକ୍ତ ଭାରତ ପାଇଁ ନିଜ ପରିବାର ଓ ଗ୍ରାମବାସୀଙ୍କୁ ସଚେତନ କରାଇଲେ ଏହି ଯୋଜନା ସଫଳ ହେବ । କାର୍ଯ୍ୟକ୍ରମକୁ ଶିଶୁ ସୁରକ୍ଷା ମଞ୍ଚର ଜି. ସୋରେନ ଓ ହରିଶ ବେହେରା ପରିଚାଳନା କରିଥିଲେ ।




## କାମରେ ଆସୁନି ଜଳସେଚନ ପ୍ରକଳ୍ପ, ଅସନ୍ତୋଷ ବ୍ୟକ୍ତକଲେ ବିଧାୟକ

**କୋରାପୁଟ, ୨୭।୧୧ (ଅମିତାଭ ବେହେରା)**

କୋରାପୁଟ ଜିଲା ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ ୧୬ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ(ଚେକ୍ ଡ୍ୟାମ)କରାଯାଇଛି। ସେଥିରୁ ୧୩ଟି କାମ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଏବେ ୩ ପ୍ରକଳ୍ପ ନିର୍ମାଣାଧୀନ ରହିଛି। ତୁନପାର ପଞ୍ଚାୟତ ବସ୍ତରବନ୍ଧ ଗ୍ରାମ ନିକଟରେ ଏହି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ(ଚେକ ଡ୍ୟାମ) କରାଯାଇଛି। ଏଥିରୁ ଚାଷୀ ଏ ପର୍ଯ୍ୟନ୍ତ ପାଣି ପାଇ ନାହାନ୍ତି । ଯାହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା। ଆଶା ଥିଲା ଅଞ୍ଚଳରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ହେଲେ ବର୍ଷ ତମାମ ଜମିକୁ ପାଣି ମାଡ଼ିବ ଭଲ ଫସଲ ହେବ। ଏଥି ପାଇଁ ୫ କୋଟି ୨୧ ଲକ୍ଷ ଟଙ୍କା ବ୍ୟୟରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କରାଗଲା।
ଏହି ଡ୍ୟାମ କାର୍ଯ୍ୟ ୨୦୦୫ ରେ ଆରମ୍ଭ କରାଯାଇଥିଲା । ଏଥି ମଧ୍ୟରେ ୨୦ ବର୍ଷ ବିତିବାକୁ ବସିଲାଣି କେନାଲ ପାଇଁ ଜମି ଦେଇଥିବା ଚାଷୀ ଏବେ ପର୍ଯ୍ୟନ୍ତ ତାଙ୍କର ପ୍ରାପ୍ୟ ପାଇ ନାହାନ୍ତି କି କାମ କରିଥିବା ଶ୍ରମିକ ମାନେ ମଧ୍ୟ ମଜୁରି ପାଇ ନାହାନ୍ତି। ଜମିକୁ ପାଣି ମାଡିବା ପାଇଁ ଯେଉଁ ସବୁ କେନାଲ କରାଯାଇଥିଲା ସେ ସବୁ ଏବେ ପୋତି ହୋଇଗଲାଣି । ନିମ୍ନମାନର କାମ ଯୋଗୁ ଡ୍ୟାମ ତଳ ପାଖରେ ଫାଟ ହେବାରୁ ସବୁ ପାଣି ବୋହି ଯାଉଛି । ସେଥିପାଇଁ ଉପର ମୁଣ୍ଡରେ ପାଣି ରହୁନାହିଁ । ପ୍ରକଳ୍ପ ମରାମତି ନାଁରେ ପ୍ରତିବର୍ଷ ବହୁ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି । ଆଶା ଥିଲା ଡ୍ୟାମ ହେଲେ ୩୦୦ ହେକ୍ଟର ଚାଷ ଜମିକୁ ପାଣି ମାଡ଼ିବ ଯାହା ଦ୍ୱାରା ଚାଷୀମାନେ ବର୍ଷ ତମାମ ଭଲ ଫସଲ କରି ପାରିବେ। ଅଧା ହୋଇଥିବା ଡ୍ୟାମ୍‌ରେ ପଡି ଅନେକ ପଶୁ ମୃତ୍ୟୁବରଣ କରିଥିବା ବେଳେ ବହୁ ଲୋକ ଆହତ ହେଉଛନ୍ତି। ଯାହାକୁ ନେଇ ସ୍ଥାନୀୟ ଚାଷୀ ଗୋବିନ୍ଦ ଦୋରା, ଚିତ୍ତ ରଞ୍ଜନ ନାୟକ ଓ ପୁରୁଷୋତ୍ତମ ବାଘ ପ୍ରମୁଖ ଅସନ୍ତୋଷ ପ୍ରକାଶ କରିଛନ୍ତି। ଚାଷୀମାନଙ୍କ ଅଭିଯୋଗକୁ ଆଧାରକରି ବିଧାୟକ ଓ ଅଧିକାରୀମାନେ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଡ୍ୟାମ ନିର୍ମାଣରେ ବଡ଼ ଧରଣର ଦୁର୍ନୀତି ହୋଇଥିବା କଥା ବିଧାୟକ ସାଉଁତା କହିବା ସହିତ ଅଧିକାରୀଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ । ଜମି ପ୍ରାପ୍ୟ ମଧ୍ୟ ଠିକ ଭାବେ ଦେଇ ନାହିଁ ତା ସହିତ ନିମ୍ନମାନର କାମକୁ ନେଇ ବିଧାୟକ ଅଧିକାରୀଙ୍କୁ ତାଗିଦ କରିବା ସହିତ ଯଥା ସମ୍ଭବ ଏହାର ନିର୍ମାଣ କାର୍ଯ୍ୟ ଶେଷ କରି ଚାଷ ଜମିକୁ ପାଣି ଓ ପ୍ରାପ୍ୟଦେବା ପାଇଁ ବିଧାୟକ ଅଧିକାରୀଙ୍କୁ କହିଥିଲେ । ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ କରାଯାଇଥିବା ଡ୍ୟାମ ସବୁ ନିମ୍ନମାନର ହୋଇଛି । ଏ ନେଇ ବିଧାୟକ ବିଧାନସଭାରେ ଉଠାଇବେ ବୋଲି କହିଛନ୍ତି। ଏଣେ ଏନେଇ କ୍ଷୁଦ୍ର ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସୁପ୍ରଭା କରଙ୍କୁ ପଚାରିବାରେ ୨୦ ବର୍ଷ ତଳର ପୁରୁଣା କାମ। ଆମେ କ'ଣ କରିବୁ ବୋଲି ସେ କହିଛନ୍ତି ।


ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା ଅନ୍ୟମାନେ ଚେକ୍‌ଡ୍ୟାମ୍ ସ୍ଥଳ ପରିଦର୍ଶନ କରୁଛନ୍ତି।

